ODM EDUCATIONAL GROUP
Changing your Tomorrow

# ବର୍ଷା

କବି:ଅତିବଡି ଜଗନ୍ନାଥ ଦାସ
ଶ୍ରେଣୀ:ଷଷ୍ଠ
ତୃତୀୟ ଦିନ

SUB-CONCEPTS:ବର୍ଷା ଆଗମନରେ ପୃଥିବୀର ସୌନ୍ଦର୍ଯ୍ୟ ।

ପୂର୍ବ ପାଠ୍ୟର ଆଲୋଚନା-

୧.ଗ୍ରୀଷ୍ମଋତୁ ପରେ କେଉଁ ଋତୁ ଆସେ?
୨.ମେଘମାନେ କେଉଁଠି ମିଳିତ ହୁଅନ୍ତି?
୩.କାହାର ଦୁଃଖ ଦେଖି କିଏ ଜଳ ଛାଡିଲା?

# କବିତାଂଶ ବ୍ୟାଖ୍ୟା:

ପ୍ରାଣୀ-ଜୀବନ ଜଳରାଶି
କରୁଣା ଚିତ୍ତରେ ବରଷି ।।
ପୃଥିବୀ ରବି ତେଜ ଗ୍ରାସେ
ତାପିତ ଥିଲା ଅଷ୍ଟମାସେ ।।
ଜଳ ପାଇଲା ତୋଷଚିତ୍ତେ
ତପସ୍ୱୀ ଜନଙ୍କର ମତେ ।।
ତପସ୍ୟା ଫଳ ଯେହ୍ନେ ପାଇ
ଭୁଞ୍ଜନ୍ତି ଅତି ସୁଖୀ ହୋଇ ।।
ଖଦ୍ୟୋତ କୀଟ ନିଶାମୁଖେ
ଜଗତ ଆବୋରିଲେ ସୁଖେ ।।
ମଣ୍ଡୂକେ ମେଘ ନାଦ ଶୁଣି
ଗର୍ଜନ୍ତି ଆବୋରିଣ ପାଣି ।।
ଅଳପ ନଦୀଏ ପୂରିଲେ
ଲହରୀ ମତେ ଉଛୁଳିଲେ ।।



- ପ୍ରାଣୀର ଜୀବନ ହେଉଛି ଜଳ-ଜଳ ବିନା କେହି ବଞ୍ଚିପାରିବେ ନାହିଁ; ତେଣୁ ବର୍ଷା କରୁଣ ହୃଦୟରେ ଜଳଦାନ କରିଥାଏ ।
- ତପସ୍ୱୀ ଯେପରି ତପସ୍ୟା କରି ଫଳ ଲାଭ କରେ,ସେହିପରି ଧରଣୀବାସୀ ଆଠମାସ ସୂର୍ଯ୍ୟକିରଣରେ କଷ୍ଟ ପାଇଲା ପରେ ଜଳ ପାଇ ଖୁସି ହୁଅନ୍ତି ।
- ବର୍ଷାଦିନେ ରାତି ଆସିବାମାତ୍ରେ ଜୁଳୁଜୁଳିଆ ପୋକମାନେ ପୃଥିବୀକୁ ବେଢ଼ିଯା'ନ୍ତି ।
- ମେଘର ଶବ୍ଦ ଶୁଣି ବେଙ୍ଗମାନେ ପାଣିକୁ ଘେରି ଗର୍ଜନ କରନ୍ତି ।
- ବର୍ଷା ଜଳରେ ନଦୀମାନେ ପୂର୍ଣ୍ଣ ହୁଅନ୍ତି ।

# କଠିନ ଶବ୍ଦର ଅର୍ଥ:

- ରାଶି-ସମୂହ,ସବୁ
- କରୁଣା ଚିତ୍ତ-ଦୟାଳୁ ହୃଦୟ
- ରବି ତେଜ-ସୂର୍ଯ୍ୟ କିରଣ
- ତପସ୍ୱୀ-ସନ୍ୟାସୀ
- ଭୁଞ୍ଜନ୍ତି-ଭୋଗ କରନ୍ତି
- ଖଦ୍ୟୋତ-ଜୁଳୁଜୁଳିଆ ପୋକ
- କୀଟ-ପୋକ
- ନିଶା-ରାତି
- ନିଶାମୁଖେ-ସନ୍ଧ୍ୟା
- ମଣ୍ଡୁକ-ବେଙ୍ଗ

# ବ୍ୟାକରଣଗତ ଶବ୍ଦ:

## ବିପରୀତ ଶବ୍ଦ:

ଜୀବନ-ମୃତ୍ୟୁ
ସୁଖୀ-ଦୁଃଖୀ
ଅଳ୍ପ-ବହୁତ

## ପ୍ରତିଶବ୍ଦ:

ରବି-ସୂର୍ଯ୍ୟ,ତପନ
ରାଶି-ସମୂହ,ସବୁ
ତପସ୍ୱୀ-ସନ୍ନ୍ୟାସୀ,ଋଷି
ନିଶା-ରାତି,ରଜନୀ
ମଣ୍ଡୁକ-ବେଙ୍ଗ,ଭେକ

# ଗଦ୍ୟରୂପ ଲେଖ ।

ଶବଦ-ଶବ୍ଦ
ଗରଜି-ଗର୍ଜି
ବରଷି-ବର୍ଷି
ଗ୍ରୀଷମ-ଗ୍ରୀଷ୍ମ
ତପତ-ତପ୍ତ
ଅଳପ-ଅଳ୍ପ

ODM EDUCATIONAL GROUP

# ଗୃହକର୍ମ:

ବର୍ଷାଋତୁର ଏକ ପର୍ବ ବିଷୟରେ ଅନୁଚ୍ଛେଦ ଲେଖ ।

# THANKING YOU

# ODM EDUCATIONAL GROUP